# କର୍ଣ୍ଣାଟକ ରାଜ୍ୟ ଏବଂ ଅନ୍ୟଜଣେ

# ବନାମ

# ଉପ୍ପେଗୌଡା ଏବଂ ଅନ୍ୟମାନେ ଇତ୍ୟାଦି

# ସେପ୍ଟେମ୍ବର 24,1996

**[କେ. ରାମାସ୍ୱାମୀ, କେ. ଭେଙ୍କଟା ସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିବୃନ୍ଦ ]**

*କର୍ଣ୍ଣାଟକ ଭୂ ସଂସ୍କାର ଅଧିନିୟମ 1961/ମହୀଶୂର ପ୍ରଜାସ୍ୱତ୍ୱ ଅଧିନିୟମ 1952:*

*ଧାରାଗୁଡ଼ିକ 44 ଏବଂ 45/5 (2)-'ଜମି ମାଲିକ' 1950 ମସିହାରେ ରୟତକୁ 5 ବର୍ଷ ପାଇଁ ଜମି ପ୍ରଦାନ କରିଥିଲେ- ରୟତ 2.6.1965 ପର୍ଯ୍ୟନ୍ତ ଦଖଲରେ ଥିଲେ -ଜମି ମାଲିକ ଦାବି କରିଛନ୍ତି ଯେ, ରୟତ ଜମି ସମର୍ପଣ କରିଥିଲେ ଏବଂ ସେହି ଅନୁଯାୟୀ ରାଜସ୍ୱ ନଥିରେ ପ୍ରବେଶ କରାଯାଇଥିଲା- ଦର୍ଶାଯାଇଛି, ରାଜସ୍ୱ ନଥିରେ ପ୍ରବେଶଗୁଡ଼ିକର କୌଣସି ପ୍ରାସଙ୍ଗିକତା ନାହିଁ-ମହୀଶୂର ପ୍ରଜାସ୍ୱତ୍ୱ ଅଧିନିୟମ ରୟତ ଅଧିକୃତ ଦଖଲକୁ ସୁରକ୍ଷିତ ରଖେ-ଚୁକ୍ତିଭିତ୍ତିକ ପ୍ରଜାସ୍ୱତ୍ୱ ସମାପ୍ତ ହେବା ପରେ, ବୈଧାନିକ ପ୍ରଜାସ୍ୱତ୍ୱ କାର୍ଯ୍ୟକ୍ଷମ ହୁଏ ଏବଂ ରୟତ କେବଳ ବୈଧାନିକ ଉଲ୍ଲଂଘନର ପ୍ରମାଣିତ ଆଧାରରେ ବହିଷ୍କରଣ ପାଇଁ ଦାୟୀ ହୋଇପାରିବେ- ଏହିପରି ଆଧାରରେ, ରୟତଙ୍କ ବହିଷ୍କରଣ ପାଇଁ ସକ୍ଷମ କର୍ତ୍ତୃପକ୍ଷଙ୍କ କୌଣସି ଆଦେଶ ନାହିଁ- ରୟତ ଯିଏ ସଂଶୋଧନ ଅଧିନିୟମ କାର୍ଯ୍ୟକ୍ଷମ ହେବା ପୂର୍ବରୁ ବ୍ୟକ୍ତିଗତ ଭାବରେ ଜମି ଚାଷ କରିବାକୁ ଆଇନଗତ ଭାବରେ ହକଦାର ଥିଲେ, କିନ୍ତୁ ଭୁଲ ଭାବରେ ଏପରି କରିବାକୁ ବଞ୍ଚିତ କରାଯାଇଥିଲା, ଧାରା 45 ଅନୁଯାୟୀ ଦଖଲ ପଞ୍ଜୀକରଣ ପାଇଁ ହକଦାର ଅଟନ୍ତି ।*

*ପି. ଜି. ଈଶ୍ୱରପ୍ପା ବନାମ ଏମ୍. ରୁଦ୍ରପ୍ପା ଏବଂ ଅନ୍ୟମାନେ,* **ଜେ. ଟି. (1996) 8 S.C. 171, ଉପରେ ନିର୍ଭର କରିଥିଲେ ।**

*ବାଲେଶା ରାମ ଖୋଟ ଏବଂ ଅନ୍ୟମାନେ. ବନାମ ଭୂମି ନ୍ୟାୟାଧିକରଣ, ଚିକୋଡି ଏବଂ ଅନ୍ୟମାନେ,* **(1978) KKLJ 116, ଉଲ୍ଲେଖ କରାଯାଇଛି ।**

ଦେୱାନୀ ଅପିଲ ଅଧିକାରିତା:ଦେୱାନୀ ଅପିଲ ସଂଖ୍ୟା 1284-85/1980 ।

**ଡବ୍ଲ୍ୟୁ.ଏ. ସଂଖ୍ୟା 196 (ଏ) ଏବଂ 197/1977 ରେ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟଙ୍କ 20.6.77 ର ରାୟ ଏବଂ ଆଦେଶରୁ ।**

**ରାଜ୍ୟ ବନାମ ଉପ୍ପେଗୌଡା**

ଅପିଲକାରୀଙ୍କ ପାଇଁ ଏମ୍. ବୀରାପ୍ପା ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶଗୁଡ଼ିକ ପ୍ରଦାନ କରାଗଲା:

ଆମେ ଅପିଲକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଛୁ ।

ଯଦିଓ ଉତ୍ତରଦାତାମାନଙ୍କୁ ନୋଟିସ୍ ଦିଆଯାଇଥିଲା, ସେମାନେ ବ୍ୟକ୍ତିଗତ ଭାବେ କିମ୍ବା ଅଧିବକ୍ତା ଜରିଆରେ ହାଜର ହୁଅନ୍ତି ନାହିଁ ।

ବିଶେଷ ଅନୁମତି ଦ୍ୱାରା ଏହି ଅପିଲଗୁଡିକ, ରିଟ୍ ଅପିଲ ସଂଖ୍ୟା 196A ଏବଂ 197 /1977 ରେ, କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟର ଖଣ୍ଡପୀଠଙ୍କ ଜୁନ୍ 20,1977 ର ରାୟରୁ ଉତ୍ପନ୍ନ ହୋଇଛି ।

ସ୍ୱୀକୃତ ତଥ୍ୟ ହେଉଛି ଯେ, , ମାଟ୍ଟିଘଟ୍ଟା ଗାଁର 2 ଏକର ଏବଂ 30 ଗୁଣ୍ଠ ଜମିର ପରିମାଣ, ଏସ୍ ୱାଇ. ସଂଖ୍ୟା 16 ଉତ୍ତରଦାତା  ସଂଖ୍ୟା 2 (ଏହା ପରେ 'ଜମି ମାଲିକ' କୁହାଯାଏ) ଙ୍କର ଥିଲା ।ଉତ୍ତରଦାତା ସଂଖ୍ୟା 1, ପୁପ୍ପେଗୌଡାଙ୍କୁ 1950 ମସିହାରୁ 5 ବର୍ଷ ପାଇଁ ପଟ୍ଟା ଅଧୀନରେ ରୟତ ଭାବରେ ଜମି ଦଖଲରେ ରଖାଯାଇଥିଲା ଯାହା ସମୟ ସମୟକୁ 1960 ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା । 1960 ମସିହାରେ ପଟ୍ଟା ଦଲିଲର ନବୀକରଣ ଆହୁରି 5 ବର୍ଷ ପାଇଁ ନିଷ୍ପାଦନ କରାଯାଇଥିଲା । ପ୍ରଜାସ୍ୱତ୍ୱ ଅଧିକାରକୁ ସୁରକ୍ଷା ଦେବା ପାଇଁ କର୍ଣ୍ଣାଟକ ପ୍ରଜାସ୍ୱତ୍ୱ ଅଧିନିୟମ, 1961 କାର୍ଯ୍ୟକ୍ଷମ ହେଲା । ଧାରା 44 ଏବଂ ଅନ୍ୟାନ୍ୟ ବ୍ୟବସ୍ଥା ପ୍ରବର୍ତ୍ତନ କରୁଥିବା ଜମି ସଂସ୍କାର (ସଂଶୋଧନ) ଅଧିନିୟମ ମାର୍ଚ୍ଚ 1,1974 ରୁ ଅଧିନିୟମ ହୋଇଥିଲା, ଯାହା ଜମିମାଲିକଙ୍କ ମଧ୍ୟସ୍ଥି ଅଧିକାରକୁ ଉଚ୍ଛେଦ କରିଥିଲା ଏବଂ ଜମି ଚାଷକାରୀ ଅର୍ଥାତ୍ ରୟତଙ୍କୁ ସ୍ଥାୟୀ ଅଧିକାର ପ୍ରଦାନ କରିଥିଲା । ଜମି ମାଲିକ ଏହି ଅଧିନିୟମ ଅନୁଯାୟୀ ଦେୟ କ୍ଷତିପୂରଣ ପାଇବାକୁ ହକଦାର ହୋଇଥିଲେ ।

ପ୍ରଶ୍ନଟି ହେଉଛି:ରୟତଙ୍କୁ ମାଲିକାନା ପ୍ରଦାନ କରିବା ପାଇଁ ଜମି ରାଜ୍ୟ ସରକାରଙ୍କ ପାଖରେ ନ୍ୟସ୍ତ ହେବା ତାରିଖ ସୁଦ୍ଧା ରୟତ ଦଖଲରେ ରହିଥିଲେ କି?ବାଲେଶା ରାମ ଖୋଟ ଏବଂ ଅନ୍ୟମାନେ ବନାମ ଭୂମି ନ୍ୟାୟାଧିକରଣ, ଚିକୋଡି ଏବଂ ଅନ୍ୟମାନେ, (1978) ( k) KLJ  116 ମାମଲାରେ ଉଚ୍ଚ ନ୍ୟାୟାଧିକରଣର ଏକ ପୂର୍ଣ୍ଣ ବିଚାରପୀଠ ଦର୍ଶାଇଥିଲେ ଯେ, "ଯଦିଓ ଜମି ବାସ୍ତବିକ ଦଖଲରେ ନଥିଲା, 1 ମାର୍ଚ୍ଚ, 1974 ର ଠିକ ପୂର୍ବରୁ ଯଦି ଏହା ରୟତ ଜମି ଥିଲା, ତେବେ ଏହା ରାଜ୍ୟ ସରକାରଙ୍କ ପାଖରେ ନିହିତ ଥିଲା । 1 ମାର୍ଚ୍ଚ, 1974 ପୂର୍ବରୁ ବାସ୍ତବିକ ଦଖଲରେ ନଥିବା ରୟତଙ୍କ ସପକ୍ଷରେ ଜମି ପଞ୍ଜୀକୃତ ହୋଇପାରିବ ନାହିଁ, ଏହି

ଅଧିନିୟମର ଧାରା 44 ଅନୁଯାୟୀ ଜମି, ରାଜ୍ୟ ସରକାରଙ୍କ ପାଖରେ ନ୍ୟସ୍ତ ହୋଇଛି କି ନାହିଁ ଏହି ପ୍ରଶ୍ନ ସ୍ଥିର କରିବା ଉଦ୍ଦେଶ୍ୟରେ ପ୍ରାସଙ୍ଗିକ ନଥିଲା ।

ଯେଉଁ ରୟତ ସଂଶୋଧନ ଅଧିନିୟମ ଆରମ୍ଭ ହେବାର ତୁରନ୍ତ ପୂର୍ବରୁ ବ୍ୟକ୍ତିଗତ ଭାବରେ ଜମି ଚାଷ କରିବାକୁ ଆଇନଗତ ଭାବରେ ହକଦାର ଥିଲେ, କିନ୍ତୁ ଭୁଲ ଭାବରେ ଏପରି କରିବାକୁ ବଞ୍ଚିତ କରାଯାଇଥିଲା, ସେ ଅଧିନିୟମର ଧାରା 45 ଅନୁଯାୟୀ ଦଖଲ ପଞ୍ଜୀକରଣ ପାଇଁ ହକଦାର ଅଟନ୍ତି ।

ଏହି ଅଧିନିୟମରେ ଏପରି ଅଧିକାର ପାଇଁ ହକଦାର ବ୍ୟକ୍ତିଙ୍କ ଦ୍ୱାରା ଅନଧିକୃତ ଦଖଲକାରୀଙ୍କଠାରୁ ଦଖଲ ପୁନରୁଦ୍ଧାର କରିବା ପାଇଁ ପ୍ରକ୍ରିୟା ପ୍ରଦାନ କରାଯାଇଛି (ଧାରା 41, 121 ଏବଂ 129) । ଜମି ଚାଷରୁ ଭୁଲ କିମ୍ବା ବେଆଇନ ଭାବରେ ବଞ୍ଚିତ କରାଯାଇଥିବା ଜଣେ ରୟତ, ଭୂମି ନ୍ୟାୟାଧିକରଣଙ୍କୁ ତାଙ୍କ ଆବେଦନ ଉପରେ ବିଚାର ସ୍ଥଗିତ ରଖିବାକୁ ଅନୁରୋଧ କରିପାରିବେ, ଯେପର୍ଯ୍ୟନ୍ତ ତାଙ୍କୁ ଦଖଲ ପୁନଃସ୍ଥାପିତ ହୁଏ ନାହିଁ ଏବଂ ସେ ନ୍ୟାୟାଧିକରଣଙ୍କୁ ତାଙ୍କ ଆବେଦନକୁ ଅଗ୍ରସର ହେବାକୁ କହିପାରିବେ, ଯଦି ସେ ଦଖଲ ପୁନରୁଦ୍ଧାର କରନ୍ତି ।

ଏହି ମାମଲାରେ, ରୟତ, 1950 ମସିହା ଜାନୁଆରୀ 30 ତାରିଖ ଠାରୁ 1965 ମସିହା ଜୁନ୍ 2 ତାରିଖ ପର୍ଯ୍ୟନ୍ତ, ଯେତେବେଳେ ମହୀଶୂର ପ୍ରଜାସ୍ୱତ୍ୱ ଅଧିନିୟମ ଲାଗୁ ହୋଇଥିଲା, ଜମି ଅଧିକାରରେ ରହିଥିଲେ, ତାହାକୁ ଦୃଷ୍ଟିରେ ରଖି ଏହା ତାଙ୍କ ଦଖଲକୁ ସୁରକ୍ଷିତ ରଖିଥିଲା । ପ୍ରଜାସ୍ୱତ୍ୱ ଅଧିନିୟମର ଧାରା 5ର ଉପଧାରା (2) ନିମ୍ନମତେ ପଢାଯାଏ:

> " ଏହାର ବିପରୀତରେ କୌଣସି ରାଜିନାମାର ବ୍ୟବହାର ପ୍ରଣାଳୀ କିମ୍ବା ଆଇନ ସତ୍ତ୍ୱେ, ଧାରା 15 ରେ ଉଲ୍ଲେଖ କରାଯାଇଥିବା ଆଧାର ବ୍ୟତୀତ ପାଞ୍ଚ ବର୍ଷର ଅବଧି ସମାପ୍ତ ହେବା ପୂର୍ବରୁ କୌଣସି ରୟତ ସମାପ୍ତ ହେବ ନାହିଁ ।
>
> ଉଲ୍ଲେଖଥାଉକି, ଜମି ମାଲିକଙ୍କ ସମ୍ମତିରେ ଯେକୌଣସି ପ୍ରଜାସ୍ୱତ୍ୱ, 'ଜମି ମାଲିକଙ୍କ ସପକ୍ଷରେ' ଜଣେ ରୟତ ଭାବେ ନିଜର ସ୍ୱତ୍ତ୍ୱ ସମର୍ପଣ କରି ପାଞ୍ଚ ବର୍ଷର ଅବଧି ଶେଷ ହେବା ପୂର୍ବରୁ କୌଣସି ରୟତ ଦ୍ୱାରା ସମାପ୍ତ ହୋଇପାରିବ ।

ଏହି ନ୍ୟାୟାଳୟ, ପି. ଜି. ଈଶ୍ୱରପ୍ପା ବନାମ ଏମ୍. ରୁଦ୍ରପ୍ପା ଏବଂ ଅନ୍ୟମାନେ, JT (1996) 8 SC 171 ମାମଲାରେ ନିକଟରେ ଏକ ରାୟରେ ଦର୍ଶାଇଥିଲେ ଯେ, କର୍ଣ୍ଣାଟକ ଭୂମି ସଂସ୍କାର ଅଧିନିୟମ 1961 କାର୍ଯ୍ୟକାରୀ ହେବା ପୂର୍ବରୁ ପ୍ରାପ୍ତ ଏକ ଡିକ୍ରି ଅନୁଯାୟୀ ଜଣେ ରୟତଙ୍କୁ ବହିଷ୍କାର କରିବା ବେଆଇନ ଏବଂ

ତାଙ୍କଠାରୁ ବେଆଇନ ଭାବରେ ନିଆଯାଇଥିବା ଦଖଲକୁ ପୁନଃସ୍ଥାପନ କରିବାକୁ ସେ ହକଦାର ଅଟନ୍ତି । ଏହା ଦର୍ଶାଯାଇଥିଲା ଯେ, ଯେଉଁ ତାରିଖରେ ଆଇନ କାର୍ଯ୍ୟକାରୀ ହୋଇଥିଲା ଏବଂ ଧାରା 22 ର ଉପ-ଧାରା (1) ର କାର୍ଯ୍ୟାନ୍ୱୟନ ଦ୍ୱାରା ରୟତ ଜମିର ଦଖଲରେ ଥିବା ଜଣାପଡିଥିଲା, ସେହି ତାରିଖରେ ଏକ ଅଣପ୍ରତିବନ୍ଧକ ଖଣ୍ଡ ସହିତ, କେବଳ ଧାରା 22 ର ଧାରା (a) ରୁ (e) ରେ ଉଲ୍ଲେଖିତ କାରଣ ବ୍ୟତୀତ, ରୟତଙ୍କୁ ତାଙ୍କ ଦ୍ୱାରା ଦଖଲ କରାଯାଇଥିବା ଜମିରୁ ବହିଷ୍କାର କରାଯିବ ନାହିଁ ।

ଏହି ମାମଲାରେ, ଜମି ମାଲିକ କେବଳ ଦୃଢୋକ୍ତି  କରିଛନ୍ତି ଯେ, ରୟତ ଜମି ସମର୍ପଣ କରିଛନ୍ତି ଏବଂ ଏହାର ଅବଲମ୍ବନରେ ରାଜସ୍ୱ ନଥିରେ ପ୍ରବେଶଗୁଡ଼ିକ ଗ୍ରହଣ କରାଯାଇଥିଲା । ନଥିର ସ୍ୱତନ୍ତ୍ର ହେପାଜତ ଥିବା ପଟୱାରୀଙ୍କ ସହାୟତାରେ ପ୍ରବେଶ କରିବା ସହଜ । ପ୍ରଜାସ୍ୱତ୍ୱ ଅଧିନିୟମର ଉଦ୍ଦେଶ୍ୟ ହେଉଛି, ଦଖଲରେ ଥିବା ରୟତମାନଙ୍କୁ ସୁରକ୍ଷା ଦେବା ଏବଂ ପ୍ରଜାସ୍ୱତ୍ୱ ଅଧିନିୟମର ବ୍ୟବସ୍ଥାଗୁଡ଼ିକର ଅନୁପାଳନର ବଶବର୍ତ୍ତୀ ହୋଇ ଏହାକୁ ଉପଭୋଗ କରିବା ।  ଚୁକ୍ତିବଦ୍ଧ ପ୍ରଜାସ୍ୱତ୍ୱତା ସମାପ୍ତ ହୋଇଯାଏ ଏବଂ ବୈଧାନିକ ପ୍ରଜାସ୍ୱତ୍ୱତା କାର୍ଯ୍ୟକ୍ଷମ ହୁଏ ଏବଂ ତେଣୁ ସେ କେବଳ ବୈଧାନିକ ଉଲ୍ଲଂଘନ ପ୍ରମାଣିତ ଆଧାରରେ ବହିଷ୍କରଣ ପାଇଁ ଦାୟୀ ହେବେ, ରାଜସ୍ୱ ନଥିର ପ୍ରବେଶଗୁଡ଼ିକ ସ୍ୱୟଂ ସହାୟକ ଅଟେ । ଉପରୋକ୍ତ ଆଧାରର ଉଲ୍ଲଂଘନ ପାଇଁ ରୟତଙ୍କୁ ଉଚ୍ଛେଦ କରିବା ଲାଗି, ସକ୍ଷମ କର୍ତ୍ତୃପକ୍ଷଙ୍କର କୌଣସି ଆଦେଶ ନଥିଲା । ଏକ ପରନ୍ତୁକ, ଯଦିଓ ଜଣେ ଜମି ମାଲିକଙ୍କୁ ସମର୍ପଣ କରିବା ପରେ ଦଖଲ ହାସଲ କରିବାକୁ ସକ୍ଷମ କରିଥାଏ, ଏହା କଠୋର ଭାବରେ ପ୍ରମାଣିତ ହେବା ଆବଶ୍ୟକ, କାରଣ ସୁବିଧାଦାୟକ ବ୍ୟବସ୍ଥାକୁ ଏଡ଼ିଦେବା ପାଇଁ ଅନେକ ସାଧନ ବ୍ୟବହୃତ ହେବ ଏବଂ ରୟତଙ୍କ ନିରକ୍ଷରତା ଏବଂ ଅଜ୍ଞତାର ସୁଯୋଗ ଉଠାଯିବ । ରୟତଙ୍କୁ ଉଚ୍ଛେଦ କରାଯିବାର କୌଣସି ପ୍ରମାଣ ନାହିଁ । ଜମି ମାଲିକଙ୍କ ଦ୍ୱାରା ନିଆଯାଇଥିବା ଆଭିମୁଖ୍ୟ ଆଇନଗତ ବ୍ୟବସ୍ଥା ଦ୍ୱାରା ସମର୍ଥିତ ନୁହେଁ । ଉଚ୍ଚ ନ୍ୟାୟାଳୟ ଆଇନର ଗୁରୁତର ତ୍ରୁଟି କରିଛନ୍ତି । ତଦନୁସାରେ, ଉଚ୍ଚ ନ୍ୟାୟାଳୟଙ୍କ ରାୟ ଆଇନ ଦୃଷ୍ଟିରୁ ଠିକ ନୁହେଁ ଏବଂ ରଦ୍ଦ କରିଦିଆଯାଇଛି ।

ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ବିନା ଅପିଲଗୁଡ଼ିକୁ ଅନୁମତି ଦିଆଯାଇଛି ।

ଆର୍. ପି.

ଅପିଲକୁ ଅନୁମତି ଦିଆଯାଇଛି ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦକ :

ଶ୍ରୀ ଦୀପକ କୁମାର ସାହୁ,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ